# ଓଡିଶା

**(ଉତ୍କଳ ଦିବସ ଉପଲକ୍ଷେ ଲେଖାଯାଇଛି)**

ସେ କାଳ ପଖାଳ ଏ କାଳେ ନହିଁ

କେମିତି ବା ରୁହନ୍ତା

ପଞ୍ଚସ୍ତରି ବର୍ଷ ପରେ ସଜହୋଇ

ସବୁ ବାସି

ଓଡିଶୀ ବି ବାସି ଗୋଟିପୁଅ ବି ବାସି

ଫେଣ୍ଟା-ଫେଣ୍ଟି ମିଶା-ମିଶି

ଆଧୁନିକତାର ରଙ୍ଗମଞ୍ଚରେ

"ବାଲୁଙ୍ଗା ... " ନୃତ୍ୟର ତାଳେ ତାଳେ । (୧)

ଭାଗବତ ଟୁଙ୍ଗି କଥା କିଏ ପଚାରୁଛି

କ୍ଲବ ଘର, ପଞ୍ଚାୟତ ଘର ଭଲ ତ

ସବୁଭଲ

ଭଲଜମେ ମଦିରା ଆସର

ବିତର୍କ ବିଖ୍ୟାତ କଟକ ରୁ  ଅଖ୍ୟାତ ପଲ୍ଲୀ ରାଜନୀତି

"ଓବାମା" ଠାରୁ "ସବ୍ୟସାଚୀ" ଯାଏ

ସେ ସବୁ ଦେଶର କଥା ବିଶ୍ୱର ଭାଷା

ଦରକାର କ'ଣ ଜାଣିବା

କୃଷ୍ଣ- ଅର୍ଜୁନ କଥୋପକଥନ

ସେ ତ' ଦୁଇ ପରିବାର କଳହ –କ୍ରନ୍ଦନ

ବ୍ୟାସଙ୍କ ବ୍ୟଞ୍ଜନ, କଳ୍ପନ ଆଉ ସପନ । (୨)

କେମିତି କହୁଛ ପିନ୍ଧିବାକୁ

ବାରହାତି ସମ୍ବଲପୁରୀ ପାଟ

ଏତେ ଖରରେ, ଗ୍ରୀଷ୍ମ ପ୍ରବାହରେ

କାଳବୈଶାଖୀରେ, ଅଂଶୁଘାତରେ

ସେସବୁ ଜେଜେ ମା – ଆଈ ଅମଳର ଶାଢୀ

ସେଗୁଡା ଆମେ କରିଛୁ ଅଦଳ-ବଦଳ

ଛାଡି ଆସିଛୁ ପାଶ୍ଚାତ୍ୟ ଲଳନା ପାଖେ

ଚାଖଣ୍ଡେ ରୁମାଲ ବଦଳରେ

ଆଗ ପଛ ଦିଶିଯାଉଥିବା

ଛିଦ୍ରଯୁକ୍ତ ଶାଢୀ ବିନିମୟରେ

ପୁଣି ଗୌରୀ ପିନ୍ଧିଲେ ଶାଢୀ

ବିଗିଡିବେ କେଦାର

କ'ଣ କରିବ କର

ଏହା ନିରାଟ ସତ, ଅପ୍ରିୟ ସତ । (୩)

ତାହାଠାରୁ ବି ଅପ୍ରିୟ ସତ

"ସାଲବେଗ", "ଭିକାରି ବଳ" ଚାପି ହୋଇଯିବା କଥା

"ଢିଙ୍କି ଦୁଲୁକାରେ ... "

"ନବମ ଶ୍ରେଣୀ ଝିଅ ... " ଉନ୍ମତ୍ତତାରେ

"ଅକ୍ଷୟ ମହାନ୍ତି" ବି ଚୁପ

ପୁରା ଚୁପ ଫଗୁଣ ଗଲା ପରର

ପ୍ରେୟସୀଟି ପରି

ବାରମ୍ବାର ମୁହଁ ଦେଖେ

"ମାୟା ଦର୍ପଣ" ରେ

ରାତିରେ ଦିନରେ

ନିଦ୍ରା କାଳେ , ତନ୍ଦ୍ରା ବେଳେ । (୪)

ପୁଣି ତନ୍ଦ୍ରାଯୁକ୍ତ

"ପଠାଣି ସାମନ୍ତ" ଗଣ

"ପ୍ରାଣକୃଷ୍ଣ ପରିଜା"ମାନେ

ମନ- ଦେହ – ପ୍ରାଣ ଦିଅନ୍ତି ଅଜାଡି

ଆଶା ସ୍ୱର୍ଗକୁ ନିଶୁଣି ଲଗାଇବା

"ଅଗ୍ନି" ରେ ନିଆଁ ଲଗାଇବାରେ ବ୍ୟସ୍ତ

ନୂଆ ପରମାଣୁ ବୋମା ପାଇଁ ବିବ୍ରତ

କ'ଣ ବା ଯାଉଛି ତାଙ୍କର

ମେଘ ବରଷିଲା କି ମାଟି ଫାଟି ଆଁ କଲା

ଧାନ କ୍ଷେତରେ ପୋକ ଲାଗିଲା କି

ବାଇଗଣ କୁ ପତ୍ରପୋଡା ଧରିଲା

ହାଟରେ ତ ପଚାଶ ଟଙ୍କାରେ ପୋଟଳ କିଲେ

ପାଞ୍ଚ ଟଙ୍କାରେ ବିଡେ ସଜନା ଶାଗ ମିଳେ

ଦୁଃଖ ନହିଁ  ଚାଷୀ ବଞ୍ଚିଲେ କି ମଲେ । (୫)

ହିମାଂଶୁ ଶେଖର ବିଶ୍ୱାଳ

୨୫-୦୪-୨୦୧୨, ଭୁବନେଶ୍ୱର, ଓଡିଶା